[2009] 5 ଏସ୍. ସି. ଆର୍. 843

ଓଡ଼ିଶା ରାଜ୍ୟ

ବନାମ

ପ୍ରସନ୍ନ କୁମାର ମହାନ୍ତି

( ଅପରାଧିକ ଆବେଦନ ସଂଖ୍ୟା 704 /2009)

ଏପ୍ରିଲ 9,2009

**[ ଏସ୍. ବି. ସିହ୍ନା ଏବଂ ଡ. ମୁକୁନ୍ଦକମ୍ ଶର୍ମା, ନ୍ୟାୟମୂର୍ତ୍ତି ଦ୍ୱୟ ]**

*ପ୍ରମାଣ ଅଧିନିୟମ, 1872 :*

*ଧାରା 33 - ଜଣେ ସାକ୍ଷୀଙ୍କ ମୁଖ୍ୟ ପରୀକ୍ଷଣ ପ୍ରାସଙ୍ଗିକତା, ଯଦି ସେ ଜେରା ପାଇଁ ଉପଲବ୍ଧ ନଥିଲେ – ମନ୍ତବ୍ୟ: ସାକ୍ଷୀଙ୍କୁ ଜେରା କରିବା ପାଇଁ ପ୍ରତିପକ୍ଷକୁ ଦୁଇଟି ସୁଯୋଗ ଦିଆଯାଇଥିବା ସତ୍ତ୍ୱେ, ତାଙ୍କୁ ପୁଣିଥରେ ଜେରା ପାଇଁ ଡକାଯାଇଥିଲା - ଆହୁରି ମଧ୍ୟ , ଦୀର୍ଘ ସମୟ ଧରି ସେ ତାଙ୍କ ଜେରା ପାଇଁ ନିଜକୁ ଉପଲବ୍ଧ କରାଇ ନଥିଲେ - ତେଣୁ, ଧାରା 33 ମାମଲାର ତଥ୍ୟ ପାଇଁ ପ୍ରଯୁଜ୍ୟ ନୁହେଁ - ତଥାପି, ଯଦି ଉକ୍ତ ସାକ୍ଷୀ ନ୍ୟାୟାଳୟରେ ହାଜର ହୋଇ ସାକ୍ଷ୍ୟ ଦେବାକୁ ସମର୍ଥ ନୁହଁନ୍ତି, ତେବେ ଅଭିଯୋଗ ପକ୍ଷ ଜଣେ ଆୟୁକ୍ତ ମାଧ୍ୟମରେ ତାଙ୍କ ଜେରା ପାଇଁ ଏକ ଆବେଦନ ଦାଖଲ କରିପାରିବେ, ଯିଏ ବିଚାର କରିବେ ଯେ ସାକ୍ଷୀ ତାଙ୍କ ସମ୍ମୁଖରେ ସାକ୍ଷ୍ୟ ପ୍ରଦାନ କରିବାକୁ ସମର୍ଥ କି ନାହିଁ, - ସମ୍ବିଧାନର ଅନୁଚ୍ଛେଦ 142 ଅଧିକାରିତା ଅନୁଯାୟୀ ଆଦେଶ ପାରିତ ହୋଇଛି, ତେଣୁ ଏହାକୁ ଏକ ପୂର୍ବ ଦୃଷ୍ଟାନ୍ତ ଭାବରେ ବିବେଚନା କରାଯିବ ନାହିଁ । ଭାରତର ସମ୍ବିଧାନ, 1950-ଅନୁଚ୍ଛେଦ 142 ।*

ଫୌଜଦାରୀ ଆବେଦନ ଅଧିକାରିତା : ଫୌଜଦାରୀ ଆବେଦନ ସଂଖ୍ୟା 704/2009 ।

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ କ୍ରିମିନାଲ ମିସ୍ ସଂଖ୍ୟା 552/2007 ରେ 20.4.2007 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀ ପାଇଁ ରାଧା ଶ୍ୟାମ ଜେନା ଏବଂ ସିଦ୍ଧାର୍ଥ ପଣ୍ଡା ।

ପ୍ରତିବାଦୀମାନଙ୍କ ପାଇଁ ଶିବାଶିଷ ମିଶ୍ର ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ଜାରି କରାଯାଇଥିଲା :

# ଆଦେଶ

ବିଳମ୍ବକୁ କ୍ଷମା କରିଦିଆଯାଇଛି ।

ଅନୁମତି ପ୍ରଦାନ  କରାଯାଇଛି ।

ଆମେ ପକ୍ଷମାନଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କୁ  ଶୁଣିଲୁ  ।

ଏଠାରେ ପ୍ରତିବାଦୀ ବିରୋଧରେ ମକଦ୍ଦମା 1987 ମସିହାରେ ଆରମ୍ଭ କରାଯାଇଥିଲା । ତା 1.9.1999 ରେ ଅନୁସନ୍ଧାନକାରୀ ଅଧିକାରୀ ବିପିନ ବିହାରୀ ମହାପାତ୍ର ଜମାନବନ୍ଦୀ ଦେଇଥିଲେ । ଦୁର୍ଭାଗ୍ୟବଶତଃ, ସେହି ତାରିଖରେ ତାଙ୍କୁ ଜେରା କରାଯାଇପାରିଲା ନାହିଁ କାରଣ ଏଠାରେ ପ୍ରତିବାଦୀ ଉଚ୍ଚ ନ୍ୟାୟାଳୟରେ ଦୁଇଟି ଅପରାଧିକ ବିବିଧ ଆବେଦନ ଦାଖଲ କରିଥିଲେ ଯଦିଓ ବିଜ୍ଞ ସ୍ୱତନ୍ତ୍ର ବିଚାରପତି ଜେରା ପ୍ରତ୍ୟାଖ୍ୟାନ କରଯାଇଥିବା ଆଧାରରେ  ଅଗ୍ରସର ହୋଇଥିଲେ । ସେ ମଧ୍ୟ ତା 15.1.2003 ରିଖ ଏବଂ ତା 7.8.2003 ରିଖ ରେ ନ୍ୟାୟାଳୟରେ ଉପସ୍ଥିତ ଥିଲେ । ତେବେ ପ୍ରତିପକ୍ଷ ଦ୍ୱାରା ଦାଖଲ ହୋଇଥିବା ଏକ ଆବେଦନ  ଉପରେ  ତା 7.8.2003  ରିଖର ଏକ ଆଦେଶ ଦ୍ୱାରା ଉକ୍ତ ବିପିନ ବିହାରୀ ମହାପାତ୍ରଙ୍କୁ ଜେରା ପାଇଁ ଡକାଯାଇଥିଲା । ଏହି ମାମଲାକୁ 12.9.2003 ତାରିଖକୁ ମୁଲତବି ରଖାଯାଇଥିଲା, ଯେଉଁ ତାରିଖରେ ତାଙ୍କୁ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

ତେବେ ଏହା ଜଣାପଡୁଛି ଯେ ଯଦିଓ ମାମଲାର ପରବର୍ତ୍ତୀ ଶୁଣାଣି 12.9.2003 ରୁ 18.8.2006 ପର୍ଯ୍ୟନ୍ତ ସ୍ଥିର ହୋଇଥିଲା, ଉକ୍ତ ତଦନ୍ତକାରୀ ଅଧିକାରୀଙ୍କ ସମେତ କୌଣସି ଅଭିଯୋଗ ପକ୍ଷ ସାକ୍ଷୀ ନ୍ୟାୟାଳୟରେ ଉପସ୍ଥିତ ହୋଇନଥିଲେ । ବିଜ୍ଞ ସ୍ୱତନ୍ତ୍ର ବିଚାରପତି ତାଙ୍କ ଉପସ୍ଥିତି ପାଇଁ ଡାକରା ଜାରି କରିଥିଲେ ଯଦ୍ୱାରା ତାଙ୍କୁ ପ୍ରତିପକ୍ଷ  ଦ୍ୱାରା ଜେରା କରାଯାଇପାରିବ | କେବଳ 18.8.2006 ତାରିଖରେ, ଡାକରାର ଏକ ଟିପ୍ପଣୀକୁ ବିଜ୍ଞ ନ୍ୟାୟାଳୟଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥିଲା ଯେ ସେ ତାଙ୍କ ଅସୁସ୍ଥତା କାରଣରୁ ନ୍ୟାୟାଳୟରେ ଉପସ୍ଥିତ ହୋଇପାରିବେ ନାହିଁ । ପାଖାପାଖି ତା 8.1.2007ରିଖ ରେ ସ୍ୱତନ୍ତ୍ର ସରକାରୀ ଅଭିଯୋଜକ ଦ୍ୱାରା ଶ୍ରୀଯୁକ୍ତ ମହାପାତ୍ରଙ୍କୁ ତାଙ୍କ ଅସୁସ୍ଥତା ଆଧାରରେ ଜେରାରୁ ମୁକ୍ତ କରିବାକୁ ଏକ ଆବେଦନ ଦାଖଲ କରାଯାଇଥିଲା । ତାଙ୍କର ତା 24.3.2007  ରିଖର ଆଦେଶ ଦ୍ୱାରା ବିଜ୍ଞ ସ୍ୱତନ୍ତ୍ର ବିଚାରପତି, ତଥାପି, ନିମ୍ନମତେ ନିର୍ଦ୍ଦେଶ ଦେଇଛନ୍ତି :

"ଉପରୋକ୍ତ ପରିସ୍ଥିତିରୁ ଏହା ଏହିପରି ଦେଖାଯାଇଛି ଯେ ତା 10.9.1999 ରିଖରେ ପ୍ରତିପକ୍ଷ ପି. ଡବ୍ଲ୍ୟୁ. 9 ର ଜମାନବନ୍ଦୀ ଶେଷ ହେବାପରେ ଜେରା ପାଇଁ ପଦକ୍ଷେପ ନେଇନଥିଲେ । ତାଙ୍କ ଅସୁସ୍ଥତାକୁ ଆଧାର କରି ପି. ଡବ୍ଲ୍ୟୁ. 9 ର ଉପସ୍ଥାନ ସଂଗ୍ରହ କରିବା ପାଇଁ ଭିଜିଲାନ୍ସ ମୁଲତବି ନେଇଥିଲେ ଏବଂ ଶେଷରେ ସୂଚନା ଗ୍ରହଣ କରାଯାଇଥିଲା ଯେ ଦୀର୍ଘକାଳୀନ ଅସୁସ୍ଥତା କାରଣରୁ ପି. ଡବ୍ଲ୍ୟୁ. 9, 75 ବର୍ଷ ବୟସ୍କ ହୋଇ ସ୍ମୃତିଶକ୍ତି ହରାଇ ତଥ୍ୟ ଗୁଡିକୁ ସଞ୍ଚାଳନ କରିବା ଏବଂ ବୁଝିବା ସ୍ଥିତିରେ ନାହାଁନ୍ତି । ଏଥିରେ

କୌଣସି ସନ୍ଦେହ ନାହିଁ ଯେ ସାକ୍ଷୀର ସତ୍ୟତାକୁ ଆକଳନ କରିବା ପାଇଁ ତାଙ୍କୁ ଜେରା କରିବା ଆବଶ୍ୟକ ଏବଂ ଜେରା ନକରି ପ୍ରତିପକ୍ଷ ତାଙ୍କର ମୂଲ୍ୟବାନ ଅଧିକାର ହରାଇଛନ୍ତି । କିନ୍ତୁ ବର୍ତ୍ତମାନର ମାମଲାରେ ଯେତେବେଳେ ପି. ଡବ୍ଲ୍ୟୁ. 9 ବାର୍ଦ୍ଧକ୍ୟ ଏବଂ ଦୀର୍ଘକାଳୀନ ଅସୁସ୍ଥତା କାରଣରୁ ନିଜର ସ୍ମୃତିଶକ୍ତି ହରାଇ ବସିଛନ୍ତି ଏବଂ ତଥ୍ୟଗୁଡ଼ିକୁ ବୁଝିବାରେ ଅସମର୍ଥ ହେଉଛନ୍ତି, ସେତେବେଳେ ତାଙ୍କ ଉପସ୍ଥାନ ପାଇଁ ଜିଦ୍ କରିବା କିମ୍ବା ଏହି ପ୍ରକାରର ମାମଲାରେ ଜେରା ପାଇଁ ଆୟୋଗ ନିଯୁକ୍ତ କରିବାର କୌଣସି ଫଳପ୍ରଦ ଉଦ୍ଦେଶ୍ୟ ସାଧନ ହେବନାହିଁ । ତେଣୁ ତାଙ୍କ ଜେରା ପାଇଁ ପି. ଡବ୍ଲ୍ୟୁ. 9 ଙ୍କ ଉପସ୍ଥାନ ଉପରେ ଜୋର ଦେବା ଅନାବଶ୍ୟକ । ତେବେ, ମାମଲାର ଚୂଡ଼ାନ୍ତ ତର୍କ ସମୟରେ ଅଭିଲେଖନରେ ଥିବା ଅନ୍ୟ ତଥ୍ୟ ସହିତ ତାଙ୍କ ଜମାନବନ୍ଦୀର ସତ୍ୟତା ମୂଲ୍ୟାଙ୍କନ କରାଯିବ । ତଦନୁସାରେ, ସ୍ୱତନ୍ତ୍ର ପି. ପି. ଭିଜିଲାନ୍ସ ତରଫରୁ ଦାଖଲ ହୋଇଥିବା ଆବେଦନ ନିଷ୍ପତ୍ତି କରାଯାଇଛି ।

ପ୍ରତିବାଦୀ ଉଚ୍ଚ ନ୍ୟାୟାଳୟରେ ଦଣ୍ଡ ପ୍ରକ୍ରିୟା ସଂହିତା 482 ଅନୁଯାୟୀ ଏକ ଆବେଦନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ *ଗୋପାଳ ସରନ ବନାମ ସତ୍ୟନାରାୟଣ* 1989 (3) ଏସ୍ ସି ସି 56 ମାମଲାରେ ଏହି ନ୍ୟାୟାଳୟର ଏକ ନିଷ୍ପତି ଉପରେ ନିର୍ଭର କରି ନିମ୍ନମତେ ଦର୍ଶାଇଥିଲେ :

"ଉପରୋକ୍ତ ବିବୃତ ମାମଲାଗୁଡ଼ିକର ବିବରଣୀରେ ଯାହା ନିଷ୍ପତ୍ତି ନିଆଯାଇଛି ତାହାକୁ ଦୃଷ୍ଟିରେ ରଖି ଏହା ସ୍ପଷ୍ଟ ଯେ ଯେତେବେଳେ ଜଣେ ସାକ୍ଷୀ ତାଙ୍କ ଜମାନବନ୍ଦୀ ପରେ ଜେରା ପାଇଁ ନିଜକୁ ଉପଲବ୍ଧ କରନ୍ତି ନାହିଁ, ସେତେବେଳେ ଜମାନବନ୍ଦୀର ତାଙ୍କ ସାକ୍ଷ୍ୟ ଉପରେ ନିର୍ଭର କରିବା ନ୍ୟାୟାଳୟ ତରଫରୁ କଷ୍ଟକର ହେବ | ଜଣେ ସାକ୍ଷୀଙ୍କ ଜେରା କରିବାର ଉଦ୍ଦେଶ୍ୟ ହେଉଛି ସାକ୍ଷୀଙ୍କ ଦ୍ୱାରା ତାଙ୍କ ଜମାନବନ୍ଦୀରେ ଦିଆଯାଇଥିବା ବିବୃତିର ସତ୍ୟତା ପରୀକ୍ଷା କରିବା ଏବଂ ଯେଉଁଠାରେ ଜଣେ ସାକ୍ଷୀଙ୍କୁ ଜେରା କରାଯାଏ ନାହିଁ, ତାଙ୍କ ଅନୁପଲବ୍ଧତା ପାଇଁ ଏହିପରି ସାକ୍ଷୀଙ୍କ ଜମାନବନ୍ଦୀ ଉପରେ ନିର୍ଭର କରିବା ଅସୁରକ୍ଷିତ ହେବ ।"

ଆବେଦନକାରୀ-ରାଜ୍ୟ ତରଫରୁ ହାଜର ହୋଇଥିବା ବିଜ୍ଞ ଅଧିବକ୍ତା ଶ୍ରୀ ରାଧା ଶ୍ୟାମ ଜେନା ନିବେଦନ କରିଛନ୍ତି ଯେ ପି. ଡବ୍ଲ୍ୟୁ. 9 ଜେରା ପାଇଁ ଉପଲବ୍ଧ ଥିଲେ ଏବଂ ପ୍ରତିପକ୍ଷଙ୍କୁ ଜେରା କରିବାକୁ ପର୍ଯ୍ୟାପ୍ତ ସୁଯୋଗ ଦିଆଯାଇଥିଲା, ସେହି ଦୃଷ୍ଟିରେ ଭାରତୀୟ ପ୍ରମାଣ ଅଧିନିୟମ, 1872 ର ଧାରା 33 ଲାଗୁ ହେବ । ଏହା ଅନୁରୋଧ କରାଯାଇଥିଲା ଯେ *ଗୋପାଳ ସରନ* (ପୂର୍ବୋକ୍ତ) ମାମଲାରେ ଏହି ନ୍ୟାୟାଳୟର ନିର୍ଣ୍ଣୟ ଏହି ମାମଲାର ତଥ୍ୟ ଏବଂ ପରିସ୍ଥିତି ପାଇଁ ପ୍ରଯୁଜ୍ୟ ନୁହେଁ କାରଣ ଏହି ନ୍ୟାୟାଳୟ ଏକ ଦେୱାନୀ ମାମଲା ପରିଚାଳନା କରୁଥିଲା ।

ତେବେ ପ୍ରତିବାଦୀ ପକ୍ଷରୁ ହାଜର ହୋଇଥିବା ବିଜ୍ଞ ଅଧିବକ୍ତା ଶିବାଶିଷ ମିଶ୍ର ଆକ୍ଷେପିତ ରାୟକୁ ସମର୍ଥନ କରିଥିଲେ।

ଭାରତୀୟ ପ୍ରମାଣ ଅଧିନିୟମ, 1872 ର ଧାରା 33 ନିମ୍ନରେ ଦିଆଗଲା :

" ୩୩. ପରବର୍ତ୍ତୀ ବିଚାରରେ ପ୍ରମାଣ କରିବା ପାଇଁ କେତେକ ସାକ୍ଷ୍ୟର ଯଥାର୍ଥତା, ତଥ୍ୟର ସତ୍ୟତା ସେଥିରେ ଦର୍ଶାଯାଇଛି । ନ୍ୟାୟିକ କାର୍ଯ୍ୟାନୁଷ୍ଠାନରେ ଜଣେ ସାକ୍ଷୀଙ୍କ ଦ୍ୱାରା କିମ୍ବା ଆଇନ ଦ୍ୱାରା ପ୍ରାଧିକୃତ କୌଣସି ବ୍ୟକ୍ତିଙ୍କ ସମ୍ମୁଖରେ ଏହା ଗ୍ରହଣ କରିବା ପାଇଁ ଦିଆଯାଇଥିବା ସାକ୍ଷ୍ୟ ପରବର୍ତ୍ତୀ ନ୍ୟାୟିକ କାର୍ଯ୍ୟାନୁଷ୍ଠାନରେ କିମ୍ବା ସେହି ନ୍ୟାୟିକ କାର୍ଯ୍ୟାନୁଷ୍ଠାନର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରମାଣ କରିବା ଉଦ୍ଦେଶ୍ୟରେ ପ୍ରାସଙ୍ଗିକ ଅଟେ, ଯାହା ତଥ୍ୟର ସତ୍ୟତା ଦର୍ଶାଏ, ଯେତେବେଳେ ସାକ୍ଷୀ ମୃତ କିମ୍ବା ଉପଲବ୍ଧ ହୋଇପାରିବ ନାହିଁ, କିମ୍ବା ସାକ୍ଷ୍ୟ ଦେବାରେ ଅସମର୍ଥ, କିମ୍ବା ପ୍ରତିକୂଳ ପକ୍ଷ ଦ୍ୱାରା ବାହାରେ ରଖାଯାଏ, କିମ୍ବା ଯଦି ବିଳମ୍ବ କିମ୍ବା ଖର୍ଚ୍ଚର ପରିମାଣ ବିନା ତାଙ୍କ ଉପସ୍ଥିତି ପ୍ରାପ୍ତ କରାଯାଇପାରିବ ନାହିଁ, ଯାହା ମାମଲାର ପରିସ୍ଥିତିରେ ନ୍ୟାୟାଳୟ ଅଯୌକ୍ତିକ ବୋଲି ବିବେଚନା କରନ୍ତି ।.

ଯଦି -

ମକଦ୍ଦମା ପରିଚାଳିତ କାର୍ଯ୍ୟଧାରା ସମାନ ପକ୍ଷ କିମ୍ବା ସେମାନଙ୍କ ପ୍ରତିନିଧିମାନଙ୍କ ସ୍ୱାର୍ଥରେ ଥିଲା ;

ପ୍ରତିକୂଳ ପକ୍ଷଙ୍କର ପ୍ରଥମ କାର୍ଯ୍ୟାନୁଷ୍ଠାନରେ ଜେରା କରିବାର ଅଧିକାର ଏବଂ ସୁଯୋଗ ଥିଲା;

ଏହି ପ୍ରସଙ୍ଗରେ ଥିବା ପ୍ରଶ୍ନଗୁଡ଼ିକ ଦ୍ୱିତୀୟ କାର୍ଯ୍ୟାନୁଷ୍ଠାନ ଭଳି ପ୍ରଥମରେ ମଧ୍ୟ ସମାନ ଥିଲା ।"

ତେଣୁ ଅନ୍ୟାନ୍ୟ ବିଷୟ ମଧ୍ୟରେ ଉକ୍ତ ବ୍ୟବସ୍ଥା ସେହି ମାମଲାରେ ଲାଗୁ ହେବ, ଯେଉଁଠି ଜମାନବନ୍ଦୀ ଦେଇଥିବା ସାକ୍ଷୀ ସାକ୍ଷ୍ୟ ଦେବାରେ ଅସମର୍ଥ କିମ୍ବା ବିନା କୌଣସି ବିଳମ୍ବ ବା ବ୍ୟୟସାଧରେ ଅନୁପସ୍ଥିତ ରୁହନ୍ତି, ଯାହାକୁ ନ୍ୟାୟାଳୟ ଅଯୌକ୍ତିକ ବୋଲି ବିବେଚନା କରନ୍ତି ।

ଅଭିଯୋକ୍ତା ଏବଂ ଅଭିଯୁକ୍ତଙ୍କ ମଧ୍ୟରେ ଧାରା ୩୩ ରେ ସଂଲଗ୍ନ ସ୍ପଷ୍ଟୀକରଣ ଅନୁଯାୟୀ ଅପରାଧିକ ବିଚାର କିମ୍ବା ତଦନ୍ତ ଏକ କାର୍ଯ୍ୟାନୁଷ୍ଠାନ ବୋଲି ବିବେଚନା କରାଯିବ । ତେବେ, ଏହି ମାମଲାରେ, ଉକ୍ତ ତଦନ୍ତକାରୀ ଅଧିକାରୀଙ୍କୁ ଜେରା କରିବା ପାଇଁ ପ୍ରତିପକ୍ଷକୁ ଦୁଇଟି ସୁଯୋଗ ଦିଆଯାଇଥିବା ସତ୍ତ୍ୱେ, ତାଙ୍କୁ ଜେରା ପାଇଁ ଡକାଯାଇଥିଲା । ଆହୁରି ମଧ୍ୟ 2003 ରୁ 2006 ପର୍ଯ୍ୟନ୍ତ ସେ ତାଙ୍କ ଜେରା ପାଇଁ ହଜାର ହୋଇନଥିଲେ । ମାମଲାର ସେହି ଦୃଷ୍ଟିକୋଣରୁ, ଆମର ମତ ହେଉଛି ଯେ ପ୍ରମାଣ ଅଧିନିୟମ ୩୩ ବର୍ତ୍ତମାନର ମାମଲାର ତଥ୍ୟ ପାଇଁ ପ୍ରଯୁଜ୍ୟ ନୁହେଁ ।

ତଥାପି, ଯଦି ଉକ୍ତ ସାକ୍ଷୀ ନ୍ୟାୟାଳୟରେ ହାଜର ହୋଇ ସାକ୍ଷ୍ୟ ଦେବାରେ ସକ୍ଷମ ନୁହଁନ୍ତି, ତେବେ ଆମର ମତ ହେଉଛି ଯେ ଅଭିଯୋଗ ପକ୍ଷ ଜଣେ ଆୟୁକ୍ତ ମାଧ୍ୟମରେ ତାଙ୍କ ଜେରା ପାଇଁ ଏକ ଆବେଦନ ଦାଖଲ କରିପାରିବେ ଯାହା ବିଚାର କରୁଥିବା ବିଜ୍ଞ ବିଚାରପତି ଦ୍ୱାରା ଅନୁମତି ଦିଆଯାଇପାରେ | ଏହା ବିଜ୍ଞ ଆୟୁକ୍ତଙ୍କୁ ବିଚାର କରିବାକୁ ହେବ ଯେ ସେ ତାଙ୍କ ସମ୍ମୁଖରେ ସାକ୍ଷ୍ୟ ଦେବାପାଇଁ ସକ୍ଷମ କି ନୁହେଁ ।

ଆମେ ଭାରତର ସମ୍ବିଧାନର ଅନୁଚ୍ଛେଦ 142 ଅନୁଯାୟୀ ଆମର ଅଧିକାରିତାର ପ୍ରୟୋଗ କରି ଏହି ଆଦେଶ ପାରିତ କରୁଛୁ ଏବଂ ଏହାକୁ ଏକ ପୂର୍ବ ଦୃଷ୍ଟାନ୍ତ ଭାବରେ ବିବେଚନା କରାଯାଇପାରିବ ନାହିଁ ।

ତଦନୁସାରେ ଆବେଦନଟିର ନିଷ୍ପତ୍ତି କରଯାଇଛି ।

ଆର୍. ପି. ଆବେଦନ ସମାଧାନ କରଯାଇଛି ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦକ**
**ସୌମ୍ୟରଂଜନ ବେହେରା,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**